ଓଡ଼ିଶା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଢେଙ୍କାନାଳ

# ପ୍ରେସ୍ ନୋଟ୍

ନଂ. ୫୩ ଆପାତକାଳୀନ ଉପ-ବିଭାଗ ତା.25.04.2020

ଓଡ଼ିଶା ସରକାରଙ୍କ ପରିବର୍ତ୍ତିତ ନିର୍ଦ୍ଦେଶନାମା ସଂଖ୍ୟା 2299 ତା. 25.04.2020 ଅନୁଯାୟୀ କେବଳ ମୁନିସିପାଲିଟି ଓ ବିଜ୍ଞାପିତ ପରିଷଦ ଅଞ୍ଚଳ ବାହାରେ ଥିବା ସମସ୍ତ ଦୋକାନ (ମଲ୍, ହୋଟେଲ୍,ରେଷ୍ଟୁରାଣ୍ଟ , ଚାହା ଦୋକାନ ଓ ପାନ ଦୋକାନ, ଉଠା ଜଳଖିଆ ଦୋକାନ, ସରବତ୍/ଲସି ଓ ଫଳ ରସ ଦୋକାନ, ସେଲୁନ ଓ ବିଉଟିପାର୍ଲର , ମନ୍ଦିର ନିକଟସ୍ଥ ଭୋଗ ଓ ପୂଜା ସାମଗ୍ରୀ ଦୋକାନ ବ୍ୟତିତ) ଖୋଲା ରହିବ ଏବଂ ଏହି ଦୋକାନ 50% କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ଦୋକାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାସ୍କ ବ୍ୟବହାର କରିବେ ଏବଂ ଦୋକାନ ଆଗରେ ଓ ଭିତରେ ସାମାଜିକ ଦୂରତ୍ୱ ବଜାୟ ରଖିବେ । ମାସ୍କ ପିନ୍ଧିନଥିବା ଗ୍ରାହକଙ୍କୁ ଦୋକାନ ସାମଗ୍ରୀ ଉପଲବ୍ଧ କରାଯିବ ନାହିଁ ।

ମୁନିସିପାଲିଟି ଓ ବିଜ୍ଞାପିତ ପରିଷଦ ଅଞ୍ଚଳ ମଧ୍ୟରେ ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ଖୋଲା ଯାଇଥିବା ଦୋକାନ ପୂର୍ବ ପରି ଖୋଲା ରହିବ ।

ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଦୋକାନ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ 7.00 ଟା ରୁ ଦିନ 11.00 ଟା ପର୍ଯ୍ୟନ୍ତ ଖୋଲା ରହିବ । ଖିଲାପକାରୀ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ।

25/4/2020

ଜିଲ୍ଲାପାଳ ଓ କ୍ଷମତା ପ୍ରାପ୍ତ ଅଧିକାରୀ ,

ଢେଙ୍କାନାଳ